# ନିର୍ବାଚନ ସମ୍ବନ୍ଧୀୟ ବାରମ୍ବାର ପଚରାଯାଉଥିବା କେତେକ ପ୍ରଶ୍ନ

୧) କେଉଁ କର୍ତ୍ତୃପକ୍ଷ ପଞ୍ଚାୟତିରାଜ ସଂସ୍ଥା ଯଥା (ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ) ଏବଂ ସହରାଞ୍ଚଳ ସ୍ୱାୟତ୍ତଶାସିତ ସଂସ୍ଥାଗୁଡିକ) ଯଥା (ପୌରନିଗମ, ପୌରସଂସ୍ଥା, ବିଜ୍ଞାପିତ ଅଞ୍ଚଳ ପରିଷଦ) ଗୁଡିକର ନିର୍ବାଚନ ନିର୍ବାହ କରିଥାଆନ୍ତି ?

ଉ: ରାଜ୍ୟ ନିର୍ବାଚନ ଆୟୁକ୍ତ । ଭାରତୀୟ ସମ୍ବିଧାନର ଧାରା 243(K) ଏବଂ 243(ZA) ଅନୁଯାୟୀ ଏହି ତ୍ରିସ୍ତରୀୟ ପଞ୍ଚାୟତି ବ୍ୟବସ୍ଥା ଏବଂ ସହରାଞ୍ଚଳ ସ୍ୱାୟତ୍ତଶାସିତ ସଂସ୍ଥା ଗୁଡିକର ନିର୍ବାଚନର ଅଧିକ୍ଷଣ, ନିର୍ଦ୍ଦେଶ, ନିୟନ୍ତ୍ରଣ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯାଇଅଛି ଯାହାଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ପରିଚାଳନା ସମ୍ପାଦନା କରାଯାଇଥାଏ ।

୨) ବର୍ତ୍ତମାନ ରାଜ୍ୟ ନିର୍ବାଚନ ଆୟୋଗର ଗଠନ କିପରି ଅଛି ?

ଉ: ରାଜ୍ୟ ନିର୍ବାଚନ ଆୟୋଗ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନେଇ ଗଠିତ ।

୩) କିଏ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦେଇଥାଆନ୍ତି ? ତାଙ୍କର ପଦମର୍ଯ୍ୟାଦା କିପରି ଏବଂ ତାଙ୍କର କାର୍ଯ୍ୟ ଅବଧି କ'ଣ ?

ଉ: ଭାରତୀୟ ସମ୍ବିଧାନର ଧାରା 243(K) ଅନୁଯାୟୀ ରାଜ୍ୟର ରାଜ୍ୟପାଳ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦେଇଥାଆନ୍ତି । ତାଙ୍କର ପଦମର୍ଯ୍ୟାଦା ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ନିଯୁକ୍ତି ଆଦେଶ ଅନୁଯାୟୀ ଉଚ୍ଚନ୍ୟାୟାଳୟର ବିଚାରପତିଙ୍କ ମର୍ଯ୍ୟାଦା ସହିତ ସମତୁଲ । ରାଜ୍ୟ ନିର୍ବାଚନ ଆୟୋଗ (ନିଯୁକ୍ତି, ସେବାର ସର୍ତ୍ତ ଏବଂ ବିବିଧ ବ୍ୟବସ୍ଥା)ର ଧାରା ୪ ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟକାଳ, ୫ ବର୍ଷ କିମ୍ବା ସେ ୬୫ ବର୍ଷ ହେବା ପର୍ଯ୍ୟନ୍ତ ଏ ଦୁଇଟିରୁ ଯେଉଁଟି ପ୍ରଥମ, ସେହି ସମୟ ପର୍ଯ୍ୟନ୍ତ ହୋଇଥାଏ । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ କେବଳ ଯେଉଁ ପ୍ରକ୍ରିୟାରେ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ଅପସାରଣ କରାଯାଇଥାଏ, ସେହି ପଦ୍ଧତି ଦ୍ୱାରା ତାଙ୍କ ପଦବୀରୁ ଅନ୍ତର କରାଯାଇ ପାରିବ । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପରେ ତାଙ୍କୁ ଅସୁବିଧା ହେଲାଭଳି ନିଯୁକ୍ତିର ସର୍ତ୍ତରେ କୌଣସି ପରିବର୍ତ୍ତନ ଅଣାଯାଇପାରିବନାହିଁ ।

# ତ୍ରି ସ୍ତରୀୟ ପଞ୍ଚାୟତ ନିର୍ବାଚନ

୪) କିଏ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିଥାଆନ୍ତି ?

ଉ: ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନ ଅଧିକାରୀ ନିଯୁକ୍ତି ନିମନ୍ତେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତଦନୁଯାୟୀ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଓଡିଶା ଗ୍ରାମପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ର ନିୟମ 2(d), ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ ୧୯୯୧ର ନିୟମ 2(e) ଏବଂ ଓଡିଶା ଜିଲ୍ଲାପରିଷଦ ନିର୍ବାଚନ ନିୟମାବଳୀ ୧୯୯୪ର ନିୟମ 2(f) ମୁତାବକ ନିର୍ବାଚନ ଅଧିକାରୀ ଭାବେ ଘୋଷିତ କରାଯାଇଅଛି । ଉପରୋକ୍ତ ନିୟମ ଅନୁସାରେ ଜିଲ୍ଲାପାଳ ଅନ୍ୟ କୌଣସି ପଦାଧିକାରୀ ଯଥା ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ବାଚନ ଅଧିକାରୀର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଦାୟିତ୍ୱ ହସ୍ତାନ୍ତର କରିବାର ବ୍ୟବସ୍ଥା ଅଛି ।

୫) କିଏ ପ୍ରିଜାଇଡିଂ ଏବଂ ପୋଲିଙ୍ଗ ଅଫିସରଙ୍କୁ ନିଯୁକ୍ତି ଦିଅନ୍ତି ?

ଉ: ଓଡିଶା ଗ୍ରାମପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ର ନିୟମ 2(e)&(g), ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ ୧୯୯୧ର ନିୟମ 2(m) & (k) ଏବଂ ଓଡିଶା ଜିଲ୍ଲାପରିଷଦ ନିର୍ବାଚନ ନିୟମାବଳୀ ୧୯୯୪ର ନିୟମ 2(o) & (m) ଅନୁଯାୟୀ ନିର୍ବାଚନ ଅଧିକାରୀ ପ୍ରିଜାଇଡିଂ ଏବଂ ପୋଲିଙ୍ଗ ଅଫିସରଙ୍କୁ ନିର୍ବାଚନ ପରିଚାଳନା କରିବାପାଇଁ ନିଯୁକ୍ତି କରିଥାଆନ୍ତି ।

୬) କିଏ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିଥାଆନ୍ତି ?

ଉ: ଭାରତୀୟ ସମ୍ବିଧାନର ଧାରା 243(K) ଅନୁଯାୟୀ ପ୍ରାପ୍ତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଥାଆନ୍ତି ।

୭) କିଏ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରିଥାଆନ୍ତି ଏବଂ ତାଙ୍କର କାର୍ଯ୍ୟ କ'ଣ ଅଟେ ?

ଉ: ରାଜ୍ୟ ନିର୍ବାଚନ ଆୟୁକ୍ତ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଥାଆନ୍ତି । ବିଭିନ୍ନ ପଦବୀପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସୀମା ଯେପରି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ସୀମା ମଧ୍ୟରେ ସିମିତ ରହେ ତାହା ତଦାରଖ ପାଇଁ ଏହି ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥାଏ ।

୮) କିପରି ଗ୍ରାମପଞ୍ଚାୟତର ୱାର୍ଡମେମ୍ବର ଓ ସରପଞ୍ଚ, ପଞ୍ଚାୟତ ସମିତିର ପଞ୍ଚାୟତ ସମିତି ସଭ୍ୟ ଓ ଜିଲ୍ଲା ପରିଷଦର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୁଅନ୍ତି ?

ଉ: ୱାର୍ଡମେମ୍ବର ଓ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟମାନେ ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାଆନ୍ତି ।

୯) କିପରି ନାଏବ ସରପଞ୍ଚ ନିର୍ବାଚିତ ହୋଇଥାଆନ୍ତି ?

ଉ: ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ ର ଧାରା ୧୪ ଅନୁଯାୟୀ ସାଧାରଣ ନିର୍ବାଚନ ପରେ ନିର୍ବାଚିତ ସଭ୍ୟମାନଙ୍କଦ୍ୱାରା ପ୍ରଥମ ବୈଠକରେ ସେମାନଙ୍କ ମଧ୍ୟରୁ ଜଣେ ନାଏବ ସରପଞ୍ଚ ନିର୍ବାଚିତ ହୋଇଥାଆନ୍ତି ।

୧୦) କିପରି ପଞ୍ଚାୟତ ସମିତିର ଅଧକ୍ଷ ଏବଂ ଉପାଧକ୍ଷ ହୋଇଥାଆନ୍ତି ?

ଉ: ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ ୧୯୯୧ରେ ନିୟମ ୩୮ ଅନୁଯାୟୀ ନବ ନିର୍ବାଚିତ ସମିତି ସଭ୍ୟମାନଙ୍କ ନାମ ଗେଜେଟ ପ୍ରକାଶନ ହେବାର ୩ ଦିନ ମଧ୍ୟରେ ସଭ୍ୟମାନଙ୍କର ପ୍ରଥମ ବୈଠକ ପାଇଁ ନିର୍ଦ୍ଧିଷ୍ଟ ତାରିଖ, ସମୟ ଏବଂ ସ୍ଥାନ ଥାଇ ଏକ ନୋଟିସ ନିର୍ବାଚନ ଅଧିକାରୀ ସମସ୍ତ ସଭ୍ୟଙ୍କୁ ଜାରି କରିଥାଆନ୍ତି । ସେହି ପ୍ରଥମ ବୈଠକରେ ପଞ୍ଚାୟତ ସମିତିର ଅଧକ୍ଷ ନିର୍ବାଚିତ ହୋଇଥାଆନ୍ତି । ଅଧକ୍ଷ ନିର୍ବାଚନର ଫଳାଫଳ ଘୋଷଣା ହେବାର ୩୦ ଦିନ ମଧ୍ୟରେ ପରବର୍ତ୍ତୀ ବୈଠକ ଆହୁତ ହୋଇ ସମିତି ଉପାଧକ୍ଷ ନିର୍ବାଚିତ ହୋଇଥାଆନ୍ତି । ଏହି ଅଧକ୍ଷ ଏବଂ ଉପାଧକ୍ଷ ନିର୍ବାଚନର ପ୍ରକ୍ରିୟା ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ ୧୯୯୧ରେ ଭାଗ VI ରେ ବର୍ଣ୍ଣିତ ଅଛି ।

୧୧) କିପରି ଜିଲ୍ଲା ପରିଷଦ ସଭାପତି ଏବଂ ଉପସଭାପତି ନିର୍ବାଚିତ ହୋଇଥାଆନ୍ତି ?

ଉ: ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ୧୯୯୪ର ନିୟମ ୪୮ ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ତାରିଖ ଓ ସମୟରେ ନିର୍ବାଚିତ ପରିଷଦ ସଭ୍ୟମାନଙ୍କର ପ୍ରଥମ ବୈଠକ ବସିବା ପାଇଁ ଏକ ନୋଟିସ ଜାରି କରାଯାଏ ଏବଂ ଏହି ବୈଠକରେ ସଭ୍ୟମାନଙ୍କ ଦ୍ୱାରା ସଭାପତି ନିର୍ବାଚିତ ହୋଇଥାଆନ୍ତି ଏବଂ ଉପସଭାପତି ନିର୍ବାଚନ ପାଇଁ ନୋଟିସ ଜାରି ହୁଏ । ଏହି ନିର୍ବାଚନର ୩୦ ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ସ୍ଥାନ, ତାରିଖ ଏବଂ ସମୟରେ ଉପସଭାପତି ନିର୍ବାଚିତ ହୁଅନ୍ତି । ସଭାପତି ଏବଂ ଉପସଭାପତି ନିର୍ବାଚନର ନିର୍ଦ୍ଧିଷ୍ଟ ପ୍ରଣାଳୀ ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ୧୯୯୪ର ଭାଗ VIରେ ବର୍ଣ୍ଣିତ ଅଛି ।

୧୨) ପଞ୍ଚାୟତି ରାଜ ଅନୁଷ୍ଠାନଗୁଡିକ ଯଥା (ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ: ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି କାହାର ଦାୟିତ୍ୱ ଏବଂ ଏହା କିପରି ପ୍ରସ୍ତୁତହୋଇଥାଏ ।

ଉ: ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା 9(2), ଓଡିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ର ଧାରା 16(B) ଏବଂ ଓଡିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧ର ଧାରା

6(A) ଅନୁଯାୟୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ ରାଜ୍ୟ ନିର୍ବାଚନ ଆଯୁକ୍ତଙ୍କ ଅଧିକ୍ଷଣ, ନିୟନ୍ତ୍ରଣ ଏବଂ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ପ୍ରସ୍ତୁତ ହୋଇଥାଏ ।

ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା 9(2) ଅନୁଯାୟୀ ଯଦି ରାଜ୍ୟ ନିର୍ବାଚନ ଅନ୍ୟଥା କୌଣସି ନିର୍ଦ୍ଦେଶନାମା ଦେଇ ନାହାନ୍ତି ଏବଂ ଯାହାକି ଗେଜେଟ ପ୍ରକାଶିତ ହୋଇନାହିଁ ତେବେ ବର୍ତ୍ତମାନ ଚାଲୁଥିବା ବିଧାନସଭା ଭୋଟର ତାଲିକାର ଯେଉଁ ଅଂଶ ସଂପୃକ୍ତ ୱାର୍ଡର ଅନ୍ତର୍ଭୁକ୍ତ ସେହି ତାଲିକାକୁ ମୂଳ ତାଲିକାରୁ କାଢି ଏକ ରେଜିଷ୍ଟରରେ ଲେଖିବାକୁ ହୁଏ । ତା'ପରେ ସେଥିରେ ଆବଶ୍ୟକୀୟ ସଂଶୋଧନ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଉପଲବ୍ଧ ନାମ ଦରଜ କରାଯାଏ ଏବଂ ଏହି ସର୍ବଶେଷ ତାଲିକା ଉପରୋକ୍ତ ନିୟମ ଅନୁସାରେ ସେହି ୱାର୍ଡର ଭୋଟର ତାଲିକା ରୂପେ ବ୍ୟବହୃତ ହୁଏ ।

ପଞ୍ଚାୟତ ସମିତି ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ ସମସ୍ତ ୱାର୍ଡୱାରୀ ସମ୍ମିଳିତ ଭୋଟରତାଲିକା ସମିତି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ଅଟେ । ସେହିପରି ପରିଷଦ ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ସମସ୍ତ ୱାର୍ଡର ସମ୍ମିଳିତ ଭୋଟର ତାଲିକା ପରିଷଦ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ଅଟେ ।

୧୩) ପଞ୍ଚାୟତ ଗଠନ ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ କିଏ କରିଥାଆନ୍ତି ଏବଂ ଏହା କିପରି ହୋଇଥାଏ ।

ଉ: ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା ୮ ଅନୁଯାୟୀ ଜିଲ୍ଲାପାଳ ପ୍ରତ୍ୟେକ ୱାର୍ଡର ସୀମା ନିର୍ଦ୍ଧାରଣ କରିବା ସଂଗେ ସଂଗେ ପ୍ରତ୍ୟେକ ପଞ୍ଚାୟତ କେତେ ୱାର୍ଡରେ ବିଭକ୍ତ ହେବ ତାହା ସ୍ଥିର କରିଥାଆନ୍ତି । ଏହି ୱାର୍ଡ ନିର୍ଦ୍ଧାରଣ ପ୍ରକ୍ରିୟା ଜନଗଣନାର ଜନସଂଖ୍ୟା ଭିତ୍ତିରେ ହିଁ ହୋଇଥାଏ । ନିୟମ ଅନୁଯାୟୀ ଗୋଟିଏ ପଞ୍ଚାୟତର ୱାର୍ଡ ସଂଖ୍ୟା ୧୧ରୁ କମ୍ କିମ୍ବା ୨୫ରୁ ଅଧିକ ହୋଇନଥିବ ଏବଂ ପ୍ରତ୍ୟେକ ୱାର୍ଡର ଜନସଂଖ୍ୟା ଆପାତତଃ ସମାନ ହେବ ।

୧୪) ସମିତି ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କିପରି ହୋଇଥାଏ ଏବଂ ତାକୁ କିଏ କରିଥାଆନ୍ତି ?

ଉ: ଓଡିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ ଧାରା 16(2-A) ଅନୁଯାୟୀ ପଞ୍ଚାୟତ ସମିତିକୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭକ୍ତିକରଣ ଦାୟିତ୍ୱ ଜିଲ୍ଲାପାଳଙ୍କ ଉପରେ ନ୍ୟସ୍ତ । ପଞ୍ଚାୟତ ସମିତିକୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଏପରି ବିଭକ୍ତି ହେବା ଉଚିତ ଯାହା ଫଳରେ କୌଣସି ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ୨୦୦୦ରୁ କମ୍ ହୋଇନଥିବ ବା କୌଣସି ପଞ୍ଚାୟତକୁ ଭଙ୍ଗାଯାଇନଥିବ । ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ନିୟମ 7-D ଅନୁଯାୟୀ ପ୍ରଥମେ ସମିତି ଅନ୍ତର୍ଗତବିଭିନ୍ନ ନିର୍ବାଚନ ମଣ୍ଡଳୀର ଏକ ପ୍ରାଥମିକ ଚିଠା ପ୍ରସ୍ତୁତ କରାଯାଇଥାଏ । ତା'ପରେ ଜନ ସାଧାରଣଙ୍କଠାରୁ ଆପତ୍ତି, ଅଭିଯୋଗ ଏବଂ ମତାମତ ଶୁଣାଣୀ କରି ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ତାଲିକା ନିୟମ 7-F ଅନୁଯାୟୀ ଜିଲ୍ଲାପାଳ ପ୍ରକାଶ କରିଥାଆନ୍ତି ।

୧୫) ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କିଏ କରିଥାଆନ୍ତି ଏବଂ ତାହା କିପରି କରାଯାଇଥାଏ ?

ଉ: ଓଡିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧ର ଧାରା 6(3-A)(a) ଅନୁଯାୟୀ ଜିଲ୍ଲାର ଜିଲ୍ଲାପାଳ ଜିଲ୍ଲାପରିଷଦକୁ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରିଥାଆନ୍ତି । ଏହା ଏପରି ହେବା ଆବଶ୍ୟକ କୌଣସି ପରିଷଦ ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ଯଥାସମ୍ଭବ ୪୦ ହଜାର ହୋଇଥିବ, ଏହାର ପରିସୀମା ପଞ୍ଚାୟତ ସମିତିର ଭୌଗୋଳିକ ସୀମାକୁ ଟପି ନଥିବ ଏବଂ କୌଣସି ପଞ୍ଚାୟତର ଭୌଗୋଳିକ ସୀମା ବିଖଣ୍ଡିତ ହୋଇନଥିବ । ପଞ୍ଚାୟତ ସମିତି ନିର୍ବାଚନ ମଣ୍ଡଳୀ ନିର୍ଦ୍ଧାରଣ ପରି ପ୍ରଥମେ ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର ଚିଠା ତାଲିକା ପ୍ରକାଶ କରାଯାଏ । ଆପତ୍ତି, ଅଭିଯୋଗ ଏବଂ ମତାମତକୁ ବିଚାରକୁ ନେଇ ଜିଲ୍ଲାପରିଷଦ ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ରୂପରେଖ ପ୍ରକାଶିତ ହୁଏ ।

୧୬) ଗ୍ରାମ ପଞ୍ଚାୟତର ଆସନ ସଂରକ୍ଷଣ କିଏ କରିଥାଆନ୍ତି ଏବଂ ଏହା କେଉଁ ନିୟମରେ କରାଯାଇଥାଏ ?

ଉ: ଜିଲ୍ଲାର ଜିଲ୍ଲାପାଳ ଏହି ଆସନ ସଂରକ୍ଷଣ ଦାୟିତ୍ୱ ସଂପାଦନ କରିଥାଆନ୍ତି ଏବଂ ଏହା ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା 10ର ଉପଧାରା 3 ଏବଂ 4 ସହିତଓଡିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ର ନିୟମ 3 ଅନୁଯାୟୀ ପ୍ରସ୍ତୁତ କରାଯାଇଥାଏ । ସାଧାରଣତଃ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଏବଂ ମହିଳାମାନଙ୍କ ପାଇଁ ଗ୍ରାମପଞ୍ଚାୟତରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଅଛି ।

୧୭) ପଞ୍ଚାୟତ ସମିତିର ଆସନ ସଂରକ୍ଷଣ କିଏ କରିଥାଆନ୍ତି ଏବଂ ଏହା କେଉଁ ନିୟମରେ ହୋଇଥାଏ ?

ଉ: ଓଡିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ର ଧାରା 16(2) ଓ ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ଭାଗ II-A ବର୍ଣ୍ଣିତ ଉପଚାର ଅନୁଯାୟୀ ଜିଲ୍ଲାପାଳ ପଞ୍ଚାୟତ ସମିତିର ଆସନ ସଂରକ୍ଷଣ କରିଥାଆନ୍ତି, ଯେଉଁଥିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଏବଂ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷିତ ହୋଇଥାଏ ।

୧୮) ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀର ଆସନ ସଂରକ୍ଷଣ କିଏ କରିଥାଆନ୍ତି ଏବଂ ଏହା କେଉଁ ନିୟମରେ ହୋଇଥାଏ ?।

ଉ: ଓଡିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧ର ଧାରା 6, ଉପଧାରା 3-A ଅନୁଯାୟୀ ଜିଲ୍ଲାପାଳ ପ୍ରଥମେ ଆସନ ସଂରକ୍ଷଣ କରିଥାଆନ୍ତି ଏବଂ ତାକୁ ସରକାରଙ୍କ ପାଖକୁ ଅନୁମୋଦନ ଲାଭ କରିବା ପାଇଁ ପଠାଇଥାଆନ୍ତି ।

୧୯) ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ମହିଳା ଇତ୍ୟାଦି ବର୍ଗଙ୍କପାଇଁ ସରପଞ୍ଚ, ସମିତି ଅଧ୍ୟକ୍ଷ, ଜିଲ୍ଲାପରିଷଦ ସଭାପତି ପଦ ସଂରକ୍ଷଣ କିଏ କରିଥାଆନ୍ତି ଏବଂ ଏହା କେଉଁ ନିୟମ ଅନୁଯାୟୀ ପ୍ରସ୍ତୁତ ହୋଇଥାଏ ?

ଉ: ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ର ଧାରା ୬ ଏବଂ ୧୦(୫), ଏବଂ ଓଡିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ର ଧାରା 16(3-a) ଅନୁଯାୟୀ ଜିଲ୍ଲାପାଳ ଯଥାକ୍ରମେ ସରପଞ୍ଚ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ସଂରକ୍ଷଣ କରିଥାଆନ୍ତି । ଓଡିଶା ଜିଲ୍ଲାପରିଷଦ ଅଧିନିୟମ, ୧୯୯୧ର ଧାରା ୪(3) ଅନୁଯାୟୀ ରାଜ୍ୟ ସରକାର ଜିଲ୍ଲାପରିଷଦର ସଭାପତି ପଦ ସଂରକ୍ଷଣ କରିଥାଆନ୍ତି । ଅଧିସୁଚିତ ଅଞ୍ଚଳରେ ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଜିଲ୍ଲାପରିଷଦ ସଭାପତି ପଦ ଅନୁସୁଚିତ ଜନଜାତି ବର୍ଗର ଜନସାଧାରଣଙ୍କ ପାଇଁ ସଂରକ୍ଷିତ ଅଟେ ।

୨୦) ନାଏବ ସରପଞ୍ଚ, ସମିତି ଉପାଧ୍ୟକ୍ଷ ଏବଂ, ଜିଲ୍ଲା ପରିଷଦ ଉପ-ସଭାପତି ପଦପାଇଁ ସରଂକ୍ଷଣ ନିୟମ ଅଛିକି ?

ଉ: ନାଏବ ସରପଞ୍ଚ, ସମିତି ଉପାଧ୍ୟକ୍ଷ ଏବଂ, ଜିଲ୍ଲା ପରିଷଦ ଉପ-ସଭାପତି ପଦପାଇଁ ସଂରକ୍ଷଣ ନିୟମ ନାହିଁ । ମାତ୍ର ଯେଉଁ ଯେଉଁ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷତ ନାହିଁ ଏବଂ ସେହି ସେହି ପଦବୀରେ ଜଣେ ହେଲେ ମହିଳା ନିର୍ବାଚିତ ହୋଇନାହାନ୍ତି ତେବେ ସେହି ସେହି ସ୍ଥାନରେ ନାଏବ ସରପଞ୍ଚ, ସମିତି ଉପାଧ୍ୟକ୍ଷ ଏବଂ, ଜିଲ୍ଲା ପରିଷଦ ଉପ-ସଭାପତି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

୨୧) ସରପଞ୍ଚ, ନାଏବ ସରପଞ୍ଚ, ସମିତି ଅଧ୍ୟକ୍ଷ/ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭାପତି/ଉପସଭାପତି ପଦବୀର ଅବଧି କ'ଣ?

ଉ: ଯଦି ପଞ୍ଚାୟତ ଭାଙ୍ଗିଦିଆଯାଇ ନାହିଁ କିମ୍ବା ବାଦ ଦିଆଯାଇ ନାହିଁ ତେବେ ସରପଞ୍ଚ ଏବଂ ନାଏବ ସରପଞ୍ଚ ପଦବୀଁ ଅବଧି ସାଧାରଣ ନିର୍ବାଚନ ପରେ ପ୍ରଥମ କରି ବସିଥିବା ବୈଠକର ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ । ଯଦି ପଞ୍ଚାୟତ ସମିତି ଭାଙ୍ଗିଦିଆଯାଇନାହିଁ କିମ୍ବା ବାଦ ଦିଆଯାଇନାହିଁ ତେବେ ସମିତି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ସମିତିର ପ୍ରଥମ ବୈଠକ ବସିଥିବା ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ ସେହି ପଦବୀରେ ରହିପାରିବେ । ଯଦି ପରିଷଦ ପୂର୍ବରୁ ଭାଙ୍ଗିଦିଆଯାଇନାହିଁ ତେବେ ଏହି ପରିଷଦ ପ୍ରଥମ ବୈଠକ ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

୨୨) ସରପଞ୍ଚ, ନାଏବ ସରପଞ୍ଚ, ସମିତି ଅଧ୍ୟକ୍ଷ/ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭାପତି/ଉପ-ସଭାପତି କିପରି ତାଙ୍କ ପଦବୀର ହଟାଯାଇ ପାରିବ ?

ଉ: ଅନାସ୍ଥା ପ୍ରସ୍ତାବ ଦ୍ୱାରା ସରପଞ୍ଚ ଏବଂ ନାଏବ ସରପଞ୍ଚ ତାଙ୍କ ପଦବୀରୁ ବହିଷ୍କୃତ ହୋଇପାରନ୍ତି । ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୬୪ ଅନ୍ତର୍ଗତ ଧାରା ୨୪, ଓଡିଶା ପଞ୍ଚାୟତ ସମିତି

ଅଧିନିୟମ, ୧୯୫୯ ଅନ୍ତର୍ଗତ ଧାରା 46-B ଓ ଓଡିଶା ଜିଲ୍ଲା ପରିଷଦ ଅଧିନିୟମ, ୧୯୯୧ ଅନ୍ତର୍ଗତ ଧାରା ୩୯ ଅନୁଯାୟୀ ଅନ୍ୟୁନ ଦୁଇ ତୃତିୟାଂଶ ସଭ୍ୟାଙ୍କ ସମର୍ଥନ ଦ୍ୱାରା ସରପଞ୍ଚ, ନାଏବ ସରପଞ୍ଚ, ଅଧକ୍ଷ, ଉପାଧକ୍ଷ, ସଭାପତି, ଉପସଭାପତି ଯଥାକ୍ରମେ ଅନାସ୍ଥା ପ୍ରସ୍ତାବ ଦ୍ୱାରା ପଦଚ୍ୟୁତ ହୁଅନ୍ତି । ଏହି ପ୍ରସ୍ତାବ କାର୍ଯ୍ୟକାଳ ଆରମ୍ଭର ଅନ୍ୟୁନ ୨.୧/୨ ବର୍ଷ ପୂର୍ବରୁ ଅଣାଯାଇପାରିବନାହିଁ ।

୨୩) କିଏ ଏହି ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାକୁ ଯୋଗ୍ୟ ?

ଉ: ଯେଉଁ ବ୍ୟକ୍ତି ବିଶେଷ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ତାଙ୍କର ନାମ ସେହି ପଞ୍ଚାୟତର ଭୋଟର ତାଲିକାରେ ସ୍ଥାନ ପାଇଛି ସେହି ହିଁ ଭୋଟ ଦେଇ ପାରିବେ ।

୨୪) ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ସଦସ୍ୟ ହେବାକୁ କିଏ ଅଯୋଗ୍ୟ ?

୧) ସେ ଯଦି ଭାରତୀୟ ନାଗରିକ ହୋଇ ନଥିବେ ।

୨) ତାଙ୍କର ନାମ ଭୋଟର ତାଲିକାରେ ସ୍ଥାନ ପାଇନାହିଁ ।

୩) ସେ ମାନସିକ ବିକାର ଗ୍ରସ୍ତ ଏବଂ ଦେବାଳିଆ ହୋଇଥିବେ ।

୪) ସେ ଯଦି ନୈତିକ ଭ୍ରଷ୍ଟାଚାର ଆରୋପରେ ଦୋଷୀ ସାବ୍ୟସ୍ତ ହୋଇଥାଆନ୍ତି କିମ୍ବା ୬ ମାସରୁ ଉର୍ଦ୍ଧ୍ୱ ଜେଲ୍ ଦଣ୍ଡ ଭୋଗିଛନ୍ତି ବା ସେ ଦୋଷମୁକ୍ତ ହେବା ଦିନରୁ ୫ ବର୍ଷ ଗତ ହୋଇନାହିଁ ।

୫) CrPcର ଧାରା ୧୧୦ ଅନୁଯାୟୀ ଯଦି ନିରାପତ୍ତା ରକ୍ଷା କରିବାପାଇଁ ଉତ୍ତମ ବ୍ୟବହାର କରିବାକୁ ଅଙ୍ଗୀକାରବଦ୍ଧ ହୋଇଥାଏ ।

୬) ସେ କେନ୍ଦ୍ର ସରକାର ବା ରାଜ୍ୟ ସରକାର ବା କୌଣସି ସ୍ୱାୟତ୍ତ କର୍ତ୍ତୃପକ୍ଷଙ୍କ ଅଧିନରେ ଲାଭ ପ୍ରଦ ପଦବୀରେ ଥାଆନ୍ତି ।

୭) ସେ କୌଣସି ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥାନ୍ତି ।

୮) ଯଦି ଜଣେ ମନ୍ତ୍ରୀ ହୋଇଥାଆନ୍ତି ।

୯) ଯଦି କେନ୍ଦ୍ର ବା ରାଜ୍ୟ ସରକାରୀ ଚାକିରୀ କିମ୍ବା ସ୍ଥାନୀୟ ପ୍ରାଧିକରଣରୁ ବହିଷ୍କୃତ ହୋଇଥାଆନ୍ତି ।

୧୦) ଯଦି ସଦସ୍ୟ ଥିବା କୌଣସି ସମବାୟ ସଂସ୍ଥାର ବକେୟା ଦେୟ ଦେଇନଥାନ୍ତି ।

୧୧) ସେ ଯଦି ଅଭ୍ୟାସଗତ ମାଲିମକଦ୍ଦମା ପ୍ରୋତ୍ସାହନକାରୀ ।

୧୨) ଯଦି ପଞ୍ଚାୟତିରାଜ ସଂସ୍ଥାରେ ଠିକାଦାରୀ କରି ଜୀବିକା ନିର୍ବାହ କରୁଥାଆନ୍ତି ।

୧୩)  ସେ ଯଦି ପଞ୍ଚାୟତିରାଜ ସଂସ୍ଥାର ଆଇନଧାରକ ହୋଇଥିବେ ।

୧୪)  ସେ ଯଦି ବିଧାନସଭା କିମ୍ବା ଲୋକସଭାର ସଭ୍ୟ ହୋଇଥାଆନ୍ତି ।

୧୫)  ଯଦି କୌଣସି ନିୟମ ଦ୍ୱାରା ରାଜ୍ୟ ବିଧାନସଭାକୁ ନିର୍ବାଚନ ଲଢିବାକୁ ଅଯୋଗ୍ୟ ବିବେଚିତ ହୋଇଥିବେ ।

୧୬)  ଯଦି ପଞ୍ଚାୟତିରାଜ ସଂସ୍ଥାକୁ କିଛି ଦେୟ ଦେବାକୁ ବାକି ଥାଏ ।

୧୭)  ଯଦି ଏକାଧିକ ପତି ବା ପତ୍ନୀ ଥାଆନ୍ତି ।

୧୮)  ଯଦି ୨ରୁ ଅଧିକ ସନ୍ତାନ ଥାଆନ୍ତି ।

ଏହି ସର୍ବଶେଷ ଅଯୋଗ୍ୟ ନିୟମ ପ୍ରଯୁଜ୍ୟ ନୁହେଁ ଯଦି ବ୍ୟକ୍ତି ବିଶେଷର ୨୧.୪.୧୯୯୫ ମସିହା ପୂର୍ବରୁ ୨ଟି ସନ୍ତାନରୁ ଅଧିକ ଥିଲେ ମଧ୍ୟ ସେହି ତାରିଖ ପରଠାରୁ ଆଉ ସନ୍ତାନ ଲାଭ କରିନାହାନ୍ତି ।

୨୫)  ଭୋଟରର ୧୮ ବର୍ଷ ନିର୍ଦ୍ଧାରଣ କରିବା ପାଇଁ କେଉଁଟି ପ୍ରାସଙ୍ଗିକ ତାରିଖ ?

ଉ:  ଲୋକ ପ୍ରତିନିଧି ଆଇନ ୧୯୫୦ ଧାରା 14(b) ଅନୁଯାୟୀ ଭାରତୀୟ ନିର୍ବାଚନ ଆୟୋଗ ଭୋଟର ତାଲିକା ପ୍ରକାଶନରେ ଜାନୁୟାରୀ ମାସର ପ୍ରଥମ ଦିନକୁ ବୟସ ନିର୍ଣ୍ଣୟର ଧାର୍ଯ୍ୟ ତାରିଖ ରୂପେ ନେଇଛନ୍ତି । ଯଦି ରାଜ୍ୟ ନିର୍ବାଚନ ଆୟୋଗ ଅନ୍ୟଥା କୌଣସି ଆଦେଶ ଦେଇନାହାନ୍ତି ତେବେଭୋଟର ତାଲିକା ପ୍ରକାଶ ପାଇଥିବା ବର୍ଷର ଜାନୁୟାରୀ ୧ ତାରିଖସୁଦ୍ଧା ଜଣକୁ ୧୮ ବର୍ଷ ହେଉଥିଲେ ଭୋଟର ତାଲିକାରେ ତାଙ୍କ ନାମ ପ୍ରକାଶ ପାଇବ । ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ନିର୍ବାଚନ ଆୟୋଗ ୨୦୧୨ ପଞ୍ଚାୟତିରାଜ ସଂସ୍ଥାପାଇଁ ସାଧାରଣ ନିର୍ବାଚନରେ ୧.୧୧.୨୦୧୧କୁ ଧାର୍ଯ୍ୟ ତାରିଖ ପ୍ରକାଶ କରିଥିଲେ । ସେହିପରି ୨୦୧୭ ସାଧାରଣ ନିର୍ବାଚନ ପାଇଁ ୧.୧୧.୨୦୧୬କୁ ଧାର୍ଯ୍ୟ ତାରିଖ ସାବ୍ୟସ୍ତ କରିଛନ୍ତି ।

୨୬)  କେଉଁ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୨୧ ବର୍ଷ ହୋଇଥିବା ଦରକାର ?

ଉ:  ଯେଉଁଦିନ ପ୍ରାର୍ଥୀ ମନୋନୟନପତ୍ର ଯାଞ୍ଚ କରାଯିବାପାଇଁ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବ ସେହି ଦିନ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୨୧ ବର୍ଷ ହୋଇଥିବା ଆବଶ୍ୟକ ।

୨୭)  ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ଅମାନତ ରାଶି କେତେ ? ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି  ପାଇଁ କିଛି ରିହାତି ଅଛିକି ?

ୱାର୍ଡମେମ୍ବର  -  ୫୦ ଟଙ୍କା

ସରପଞ୍ଚ  -  ୧୦୦ ଟଙ୍କା

ପଞ୍ଚାୟତ ସମିତ ସଭ୍ୟ- ୧୦୦ ଟଙ୍କା
ଜିଲ୍ଲା ପରିଷଦ ସଭ୍ୟ- ୨୦୦ ଟଙ୍କା

ମାତ୍ର ଅନୁସୁଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ପଦବୀ ପାଇଁ ଧାର୍ଯ୍ୟ ରାଶିର ଅଧା ଅମାନତ ରାଶି ଜମା କରିବାକୁ ପଡିଥାଏ ।

୨୮) ପଞ୍ଚାୟତ ନିର୍ବାଚନରେ କିପରି ମତଦାନ କେନ୍ଦ୍ର ନିରୂପଣ କରାଯାଇଥାଏ ?

ଉ: ଓଡିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ର ନିୟମ ୧୯, ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ରେ ନିୟମ ୧୨ ଏବଂ ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ୧୯୯୪ର ନିୟମ ୧୫ ଅନୁଯାୟୀ ପ୍ରତ୍ୟେକ ୱାର୍ଡର ସୀମା ଭିତରେ ଥିବା ଯେ କୌଣସି ସରକାରୀ ଅନୁଷ୍ଠାନକୁ ମତଦାନ କେନ୍ଦ୍ର ରୁପେ ବ୍ୟବହାର କରାଯାଇପାରିବ । ଆବଶ୍ୟକ ସ୍ଥଳେ ଏକ ଜାଗାରେ ଏକାଧିକ ୱାର୍ଡ ପାଇଁ ମତଦାନ କେନ୍ଦ୍ର କରାଯାଇପାରିବ ।

୨୯) କିପରି ମତଦାନ କରାଯାଏ ?

ଉ: ଭୋଟରମାନେ ଭୋଟ ବାକ୍ସ ମାଧ୍ୟମରେ ସେମାନଙ୍କର ମତଦାନ ସାବ୍ୟସ୍ତ କରନ୍ତି । ପ୍ରତ୍ୟେକ ଭୋଟରକୁ ୪ଟି ଭିନ୍ନ ଭିନ୍ନ ଭୋଟ କାଗଜରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲାପରିଷଦ ସଭ୍ୟ ପାଇଁ ମତଦାନ କରିବାକୁ ପଡିଥାଏ । ଉପନିର୍ବାଚନ ସମୟରେ କେବଳ ଖାଲି ଥିବା ପଦବୀ ପାଇଁ ମତଦାନ ହୁଏ ।

୩୦) ଭୋଟ କାଗଜର ରଙ୍ଗ କ'ଣ ? କିଏ ଓ କିପରି ଏହି ରଙ୍ଗକୁ ଚୟନ କରିଥାଆନ୍ତି ?

ଉ: ଭୋଟ କାଗଜର ରଙ୍ଗ କିପରି ହେବ ରାଜ୍ୟ ନିର୍ବାଚନ ଆୟୋଗ ତାହା ଧାର୍ଯ୍ୟ କରିଥାଆନ୍ତି । ପ୍ରତି ନିର୍ବାଚନରେ ବିଭିନ୍ନ ପଦବୀପାଇଁ ପୂର୍ବର ବ୍ୟବହୃତ ଭୋଟ କାଗଜର ରଙ୍ଗକୁ ବଦଳା ଯାଇଥାଏ । ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ପାଇଁ ଉଦ୍ଦିଷ୍ଟ ଭୋଟ କାଗଜରେ କେବଳ ନିର୍ବାଚନ ସଂକେତ ଥାଏ, କିନ୍ତୁ ଜିଲ୍ଲାପରିଷଦ ଭୋଟ କାଗଜରେ ପ୍ରାର୍ଥୀଙ୍କ ନାମ ସହିତ ନିର୍ବାଚନ ସଂକେତ ଥାଏ ।

୩୧) କେଉଁଠି ଓ କିପରି ଭୋଟ ଗଣନା କରାଯାଏ ଏବଂ ୱାର୍ଡମେମ୍ବର ଏବଂ ସରପଞ୍ଚ ନିର୍ବାଚନ ଫଳ ଘୋଷଣା କରାଯାଏ ?

ଉ: ଓଡିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ର ନିୟମ ୪୮ରୁ ୫୦ ଅନୁଯାୟୀ ପ୍ରିଜାଇଡିଂ ଅଫିସର ୱାର୍ଡମେମ୍ବର ଏବଂ ସରପଞ୍ଚ ଭୋଟ ଗଣନା କରିଥାନ୍ତି । ସେହି ଫଳାଫଳକୁ ୱାର୍ଡମେମ୍ବର ପାଇଁ 8 ନମ୍ବର ଏବଂ ସରପଞ୍ଚ ପାଇଁ 8(A) ଫର୍ମରେ ନିର୍ବାଚନ ଅଧିକାରୀଂକ ପାଖକୁ ପଠାନ୍ତି । ଘୋଷଣା ପାଇଁ ଧାର୍ଯ୍ୟ ତାରିଖରେ ନିର୍ବାଚନ ଅଧିକାରୀ ୱାର୍ଡମେମ୍ବରଙ୍କ ଫଳାଫଳ

ଘୋଷଣା କରନ୍ତି । ବିଭିନ୍ନ ପ୍ରିଜାଇଡିଁ ଅଫିସରଙ୍କ ପାଖରୁ ଆସିଥିବା ଭୋଟ ଫଳାଫଳକୁ ଯୋଗ କରି ନିର୍ବାଚନ ଅଧିକାରୀ ସରପଞ୍ଚ ନିର୍ବାଚନର ଫଳାଫଳ ଘୋଷଣା କରନ୍ତି ।

୩୨) କିପରି ପଞ୍ଚାୟତ ସମିତି ସଭ୍ୟଙ୍କ ଭୋଟ ଗଣନା କରାଯାଏ ଏବଂ କେଉଁଠାରେ ଫଳାଫଳ ଘୋଷଣା କରାଯାଏ ?

ଉ: ମତଦାନ ଶେଷ ହେବା ପରେ ପରେ ପ୍ରିଜାଇଡିଁ ଅଫିସର ଭୋଟଦାନ କେନ୍ଦ୍ରରେ ଭୋଟଗଣନା କରନ୍ତି । ଗଣନାର ଫଳାଫଳ ଫର୍ମ ୧୩ରେ ନିର୍ବାଚନ ଅଧିକାରୀଙ୍କ ପାଖକୁ ପଠାନ୍ତି । ଫଳାଫଳ ଘୋଷଣା ପାଇଁ ଧାର୍ଯ୍ୟ ହୋଇଥିବା ଦିନରେ ନିର୍ବାଚନ ଅଧିକାରୀ ପ୍ରିଜାଇଡିଂ ଅଫିସରମାନଙ୍କଠାରୁ ଆସିଥିବା ଫଳାଫଳକୁ ଫର୍ମ ୧୪ରେ ଲିପିବଦ୍ଧ କରି ଚୂଡାନ୍ତ ଫଳାଫଳ ଓଡିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ରେ ନିୟମ ୩୧ ଅନୁଯାୟୀ ପ୍ରକାଶ କରନ୍ତି । ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଫଳାଫଳ ଘୋଷଣା କରାଯାଏ ।

୩୩) କିପରି ଓ କେଉଁଠି ଜିଲ୍ଲାପରିଷଦ ନିର୍ବାଚନ ପାଇଁ ଭୋଟଗଣନା ତଥା ଫଳାଫଳ ଘୋଷଣା କରାଯାଇଥାଏ ।

ଉ: ଓଡିଶା ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ୧୯୯୪ର ନିୟମ ୩୦ ଅନୁଯାୟୀ ପ୍ରିଜାଇଡିଂ ଅଫିସର ପ୍ରତ୍ୟେକ ଭୋଟଦାନ କେନ୍ଦ୍ରରେ ଭୋଟଗଣନା କରିଥାଆନ୍ତି ଏବଂ ତାହା ଫର୍ମ ନମ୍ବର 11(A)ରେ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାନ୍ତି । ନିର୍ବାଚନ ଫଳାଫଳ ଘୋଷଣା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖରେ ନିର୍ବାଚନ ଅଧିକାରୀ ପ୍ରତ୍ୟେକ ମତଦାନ କେନ୍ଦ୍ରରୁ ପ୍ରିଜାଇଡିଂ ଅଫିସର ପଠାଇଥିବା ଫଳାଫଳ ଫର୍ମ ନମ୍ବର ୧୨ରେ ଉଲ୍ଲେଖ କରି ଚୂଡାନ୍ତ ଫଳାଫଳ ଘୋଷଣା କରନ୍ତି ।

୩୪) ପଞ୍ଚାୟତ ଗଠନର ପ୍ରକ୍ରିୟା କ'ଣ ? କେଉଁ ତାରିଖରୁ ପଞ୍ଚାୟତ ଗଠିତ ହେଲା ବୋଲି ଧରାଯିବ ? ଏହାର ଅବଧି କେତେ ବର୍ଷ ?

ଉ: ଓଡିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୦୪ର ଧାରା ୧୦ ଅନୁଯାୟୀ ସରପଞ୍ଚ, ନାଏବ ସରପଞ୍ଚ ଏବଂ ୱାର୍ଡମେମ୍ବରଂକୁ ନେଇ ପଞ୍ଚାୟତ ଗଠିତ । ସାଧାରଣ ନିର୍ବାଚନ ପରେ ଯେବେ ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନ କରାଯାଏ ସେହିଦିନଠାରୁ ପଞ୍ଚାୟତ ଗଠିତ ହେଲା ବୋଲି ଧରି ନିଆଯିବ ଏବଂ ଏହାର ଅବଧି ସେହିଠାରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ରହିବ ।

୩୫) ପଞ୍ଚାୟତ ସମିତି ଗଠନ ପ୍ରକ୍ରିୟା କ'ଣ ? କେଉଁ ତାରିଖରୁ ଏହା ଗଠିତ ହେଲା ବୋଲି ଧରାଯିବ ଏବଂ ଏହାର ଅବଧି କେତେ ?

ଉ: ଓଡିଶା ପଞ୍ଚାୟତ ସମିତି ଅଧିନିୟମ ୧୯୫୯ର ଧାରା ୧୦ ଅନୁଯାୟୀ ଅଧକ୍ଷ, ଉପାଧକ୍ଷ, ନିର୍ବାଚିତ ସମିତି ସଭ୍ୟଗଣ, ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ ସମୂହ, ଏହି ସମିତି ପରିସୀମା ମଧ୍ୟରେ ଆସୁଥିବା ଲୋକସଭା ଏବଂ ବିଧାନସଭାର ସଦସ୍ୟବୃନ୍ଦ ଏବଂ ରାଜ୍ୟ ସଭା ସଦସ୍ୟ ଯିଏକି

ସମିତି ଅନ୍ତର୍ଗତ ଯେକୌଣସ ସ୍ଥାନର ଜଣେ ମତଦାତା, ଏମାନଙ୍କୁ ନେଇ ସମିତି ଗଠିତ । ସାଧାରଣ ନିର୍ବାଚନ ପରେ ପଞ୍ଚାୟତ ସମିତିର ପ୍ରଥମ ବୈଠକ ଦିନରୁ ହିଁ ସମିତି ଗଠିତ ହେଲା ବୋଲି ଧରାଯାଏ ଏବଂ ସେହିଦିନଠାରୁ ସାଧାରଣତଃ ୫ ବର୍ଷ ପର୍ଯ୍ୟନ୍ତ ସମିତିର ଅବଧି ଅଟେ ।

ସମିତି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିର୍ବାଚନ ପାଇଁ ହେଉଥିବା ସମିତି ବୈଠକରେ କେବଳ ନିର୍ବାଚିତ ସମିତି ସଭ୍ୟବୃନ୍ଦ ନିର୍ବାଚନରେ ଅଂଶ ଗ୍ରହଣ କରନ୍ତି ।

୩୦) କେଉଁ ପ୍ରଣାଳୀରେ ସାଧାରଣ ଭାବେ ଜିଲ୍ଲାପରିଷଦ ଗଠିତ ହୋଇଥାଏ ? କେଉଁଦିନଠାରୁ ଜିଲା ପରିଷଦ ଗଠିତ ହେଲା ବୋଲି ଧାର୍ଯ୍ୟ ହୁଏ ଏବଂ ଏହାର ଅବଧି କେତେ ?

ଉ: ଓଡିଶା ଜିଲ୍ଲା ପରିଷଦ ଅଧିନିୟମ ୧୯୯୧ ଧାରା 6 ଅନୁସାରେ, ସଭାପତି, ଉପ-ସଭାପତି, ଜିଲ୍ଲାପରିଷଦ ନିର୍ବାଚନ ମଣ୍ଡଳୀମାନଂକରୁ ନିର୍ବାଚିତ ସଦସ୍ୟବୃନ୍ଦ, ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ସମିତିର ଅଧ୍ୟକ୍ଷବୃନ୍ଦ, ଜିଲ୍ଲାପରିଷଦ ପରିସୀମା ମଧ୍ୟରେ ଆସୁଥିବା ଲୋକସଭା ଏବଂ ବିଧାନସଭାର ସଦସ୍ୟବୃନ୍ଦ ଏବଂ ରାଜ୍ୟ ସଭା ସଦସ୍ୟ ଯିଏକି ଏହି ପରିଷଦ ଅନ୍ତର୍ଗତ ଯେକୌଣସ ସ୍ଥାନର ଜଣେ ମତଦାତା ଅଟନ୍ତି, ଏହିମାନଂକୁ ନେଇ ଜିଲ୍ଲା ପରିଷଦ ଗଠିତ । ସଭାପତି ଏବଂ ଉପସଭାପତିଂକ ନିର୍ବାଚନ ପାଇଁ ବସୁଥିବା ପରିଷଦ ବୈଠକରେ କେବଳ ନିର୍ବାଚିତ ପରିଷଦ ସଭ୍ୟମାନେ ନିର୍ବାଚନରେ ଅଂଶଗ୍ରହଣ କରିଥାଆନ୍ତି ।

ନିୟମ ଅନୁଯାୟୀ ସାଧାରଣ ନିର୍ବାଚନ ପରେ ଜିଲ୍ଲା ପରିଷଦର ପ୍ରଥମ ବୈଠକ ଦିନରୁ ହିଁ ପରିଷଦ ଗଠନ ହେଲା ବୋଲି ଧରାଯାଏ ଏବଂ ସେହିଦିନଠାରୁ ଓଡିଶା ଜିଲ୍ଲା ପରିଷଦ ଆଇନ ୧୯୯୧ ଧାରା ୭ ଅନୁଯାୟୀ ପରିଷଦର ଅବଧି ୫ ବର୍ଷ ଅଟେ ।

୩୭) ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରାଜନୈତିକ ଦଳୀୟ ଭିତ୍ତିରେ ହୋଇଥାଏ କି ?

ଉ: କେବଳ ଜିଲ୍ଲା ପରିଷଦ ନିର୍ବାଚନ ରାଜନୈତିକ ଦଳୀୟ ଭିତ୍ତିରେ ହୋଇଥାଏ । ଅନ୍ୟ ନିର୍ବାଚନ ଗୁଡିକ ନିର୍ଦ୍ଦଳୀୟ ଭାବରେ ହୋଇଥାଏ ।

୩୮) ନିର୍ବାଚନରେ ଖର୍ଚ୍ଚ ସୀମା ସୀମିତ ରଖିବାକୁ କିଛି ବ୍ୟବସ୍ଥା ଅଛି କି ?

ଉ: ସମ୍ବିଧାନର ଧାରା 243(K)ରେ ଦିଆଯାଇଥିବା ପ୍ରାପ୍ତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୁକ୍ତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ବିଭିନ୍ନ ପଦବୀରେ ପ୍ରତିଦ୍ୱନ୍ଦୀତା କରୁଥିବା ପ୍ରାର୍ଥୀଙ୍କପାଇଁ ଖର୍ଚ୍ଚସୀମା ଧାର୍ଯ୍ୟ କରିଛନ୍ତି ଏବଂ ଏହି ସୀମା ଭିନ୍ନ ଭିନ୍ନ ସମୟରେ ମଧ୍ୟ ପରିବର୍ତ୍ତନୀୟ । ୨୦୧୭ ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ତାଙ୍କ ନିର୍ଦ୍ଦେଶନାମା ୪୪୮୩ ତା ୧୦.୧୧.୧୦ ନିର୍ବାଚନ ଖର୍ଚ୍ଚ ନିମ୍ନୋକ୍ତ ମତେ ସିମୀତ ରଖିଛନ୍ତି ।

| | |
|---|---|
| ଜିଲ୍ଲା ପରିଷଦ ପ୍ରାର୍ଥୀ | ୨୦୦୦୦୦ |
| ସମିତି ସଭ୍ୟ ପ୍ରାର୍ଥୀ | ୮୦୦୦୦ |

ସରପଞ୍ଚ ପ୍ରାର୍ଥୀ ୮୦୦୦୦

୩୯) ମନୋନୟନ ପତ୍ର ଦାଖଲ ସମୟରେ ଶପଥପତ୍ର ଦାଖଲ କରିବାକୁ ପଡିଥାଏ କି ?

ଉ: ସମ୍ବିଧାନର 243(K) ଏବଂ 243(ZA) ଅନୁଯାୟୀ କ୍ଷମତାପ୍ରାପ୍ତ ଆଧାରରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିଷ୍ପତ୍ତିକୁ ନେଇ ରାଜ୍ୟ ନିର୍ବାଚନ ଆୟୁକ୍ତ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ ସମୟରେ ଶପଥପାଠ ଦେବାକୁ ବାଧ୍ୟତାମୂଳକ କରିଛନ୍ତି ।

୪୦) ରାଜ୍ୟରେ କେତୋଟି ଗ୍ରାମ ପଞ୍ଚାୟତ ଅଛି ?

ଉ:

୪୧) ରାଜ୍ୟରେ କେତୋଟି ପଞ୍ଚାୟତ ସମିତି ଅଛି?

ଉ: ବର୍ତ୍ତମାନ ପାଇଁ ରାଜ୍ୟରେ ୩୧୪ଟି ପଞ୍ଚାୟତ ସମିତି ଅଛି ।

୪୨) ରାଜ୍ୟରେ କେତୋଟି ଜିଲ୍ଲାପରିଷଦ ନିର୍ବାଚନ ମଣ୍ଡଳୀ ଅଛି?

ଉ: ବର୍ତ୍ତମାନ ପାଇଁ ରାଜ୍ୟରେ ୮୫୩ଟି ଜିଲ୍ଲା ପରିଷଦ ନିର୍ବାଚନ ମଣ୍ଡଳୀ ଅଛି ।

# ପୌର ନିର୍ବାଚନ

ସହରାଞ୍ଚଳର ସ୍ୱାୟତ୍ତଶାସିତ ସଂସ୍ଥା ଗୁଡିକର ନିର୍ବାଚନ ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦, ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪, ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩, ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ ଅନୁଯାୟୀ ଅନୁଷ୍ଠିତ ହୁଏ ।

୪୩) କିଏ ନିର୍ବାଚନ ଅଧିକାରୀମାନଙ୍କୁ ନିଯୁକ୍ତି ଦିଅନ୍ତି ? କେଉଁମାନଂକୁ ନିର୍ବାଚନ ଅଧିକାରୀଭାବେ ନିଯୁକ୍ତି ଦିଆଯାଇପାରିବ ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ 2(e) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ ର ନିୟମ 2(h) ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତ ରାଜ୍ୟ ସରକାରଂକ ଯେ କୌଣସି ଅଧିକାରୀଂକୁ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତି କରନ୍ତି ।

ସାଧାରଣତଃ ଜିଲ୍ଲାର ଜିଲ୍ଲାପାଳ ମାନେ ନିର୍ବାଚନ ଅଧିକାରୀ ଅଟନ୍ତି ଏବଂ ଆବଶ୍ୟକ ସ୍ଥଳେ ପରିସ୍ଥିତି ଅନୁଯାୟୀ ଜିଲ୍ଲାର ଅନ୍ୟ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ପ୍ରକଳ୍ପ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଧିସୂଚିତ ଜନଜାତି ଉନ୍ନୟନ ସଂସ୍ଥା, ଉପ ଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥାଏ ।

୪୪) କିଏ ପୋଲିଂ ଅଫିସରଂକୁ ନିଯୁକ୍ତି ଦିଅନ୍ତି ?

ଉ: ନିର୍ବାଚନ ଅଧିକାରୀ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ 2(i) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ ର ନିୟମ 2(m) ଅନୁସାରେ ପୋଲିଂ ଅଫିସରଂକୁ ନିଯୁକ୍ତି ଦିଆଯାଇଥାଏ ।

୪୫) କିଏ ନିର୍ବାଚନ ପର୍ଯ୍ୟବେକ୍ଷକଂକୁ ନିଯୁକ୍ତି କରନ୍ତି ?

ଉ: ଭାରତୀୟ ସମ୍ବିଧାନର ଧାରା ୨୪୩(ZA) ଦ୍ୱାରା କ୍ଷମତା ପ୍ରାପ୍ତ ରାଜ୍ୟ ନିର୍ବାଚନ ଆୟୁକ୍ତ ଏହି ନିର୍ବାଚନ ପର୍ଯ୍ୟବେକ୍ଷକମାନଂକୁ ନିଯୁକ୍ତି କରିଥାଆନ୍ତି ।

୪୬) କିଏ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରିଥାଆନ୍ତି ଏବଂ ତାଙ୍କର କାର୍ଯ୍ୟ କ'ଣ ଅଟେ ?

ଉ: ରାଜ୍ୟ ନିର୍ବାଚନ ଆୟୁକ୍ତ ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଥାଆନ୍ତି । ବିଭିନ୍ନ ପଦବୀପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସୀମା ଯେପରି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଧାର୍ଯ୍ୟ ସୀମା ମଧ୍ୟରେ ସିମିତ ରହେ ତାହା ତଦାରଖ ପାଇଁ ଏହି ଅର୍ଥ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥାଏ ।

ଉ: ପ୍ରତ୍ୟେକ ୱାର୍ଡର ମତଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ କାଉନସିଲର ନିର୍ବାଚିତ ହୋଇଥାଆନ୍ତି ।

୪୭) ୱାର୍ଡର କାଉନସିଲର ଓ କର୍ପୋରେଟର କିପରି ନିର୍ବାଚିତ ହୋଇଥାଆନ୍ତି ?

ଉ: ପ୍ରତ୍ୟେକ ୱାର୍ଡର ମତଦାତାଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ କାଉନସିଲର ଓ କର୍ପୋରେଟରମାନେ ନିର୍ବାଚିତ ହୋଇଥାଆନ୍ତି ।

୪୮) କିପରି ମେୟର/ଡେପୁଟି ମେୟର, ଅଧକ୍ଷ ଏବଂ ଉପାଧକ୍ଷ ନିର୍ବାଚିତ ହୋଇଥାଆନ୍ତି ?

ଉ: ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୧୪ ଅନୁଯାୟୀ ସାଧାରଣ ନିର୍ବାଚନ ପରେ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଧାର୍ଯ୍ୟ ତାରିଖରେ ପୌରନିଗମର ନବନିର୍ବାଚିତ କର୍ପୋରେଟରମାନଙ୍କର ବସୁଥିବା ପ୍ରଥମ ବୈଠକରେ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ମେୟର ନିର୍ବାଚନ ହୋଇଥାଏ । ସେହିପରି ମେୟର ନିର୍ବାଚନର ୩୦ ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଧାର୍ଯ୍ୟ ତାରିଖରେ ଡେପୁଟି ମେୟର ନିର୍ବାଚନ ହେବାର ନିୟମ ଅଛି ।

ସେହିପରି ପୌରପାଳିକା ଓ ଅଧିସୁଚିତ କ୍ଷେତ୍ର ପରିଷଦର ଅଧକ୍ଷ ନିର୍ବାଚନ ଅନୁଷ୍ଠିତ ହୁଏ । ସାଧାରଣ ନିର୍ବାଚନ ପରେ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଧାର୍ଯ୍ୟ ତାରିଖରେ ନବ ନିର୍ବାଚିତ ସଭ୍ୟମାନଙ୍କର ପ୍ରଥମ ବୈଠକରେ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ଅଧକ୍ଷ ନିର୍ବାଚନ ଆୟୋଗଙ୍କ ଧାର୍ଯ୍ୟ ତାରିଖରେ ସଭ୍ୟମାନଙ୍କ ଦ୍ୱାରା ଉପାଧକ୍ଷ ନିର୍ବାଚନ ହୋଇଥାଏ । ଅଧକ୍ଷ ଏବଂ ଉପାଧକ୍ଷ ନିର୍ବାଚନ ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୪୭ ଅନୁଯାୟୀ ହୋଇଥାଏ ।

୪୯) କାଉନସିଲର/କର୍ପୋରେଟର ନିର୍ବାଚନ ପାଇଁ ଭୋଟରତାଲିକା ପ୍ରସ୍ତୁତି କାହାର ଦାୟିତ୍ୱ ? ଏହା କିପରି ପ୍ରସ୍ତୁତ କରାଯାଇଥାଏ ?

ଉ: ସମ୍ବିଧାନର ଧାରା 243-ZA ସହିତ ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା II-A ଏବଂ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୮୫ ପ୍ରଦତ୍ତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୋଗ କାଉନସିଲର/କର୍ପୋରେଟର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ

କରିବାପାଇଁ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି ଏବଂ ଆୟୋଗର ତତ୍ତ୍ୱାବଧାନରେ ଏହି ସମ୍ପାଦିତ ହୋଇଥାଏ ।

ପ୍ରଥମେ ବିଧାନସଭା ନିର୍ବାଚନ ମଣ୍ଡଳୀର ଯେଉଁ ଅଂଶ ୱାର୍ଡଟିକୁ ସଂଯୋଗ କରୁଛି ସେହି ଅଂଶଟିକୁ ଅଲଗା କରାଯାଇ ସେହି ୱାର୍ଡର ଚିଠା ଭୋଟରତାଲିକା ଭାବେ ବ୍ୟବହୃତ ହୁଏ । ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୧୩ ଏବଂ ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ ୪ରୁ ୧୫ ମଧ୍ୟରେ ଦିଆଯାଇଥିବା ନିର୍ଦ୍ଦେଶ ଏବଂ ପ୍ରଣାଳୀ ଅନୁଯାୟୀ ଏହି ଭୋଟର ତାଲିକା ପୌରସଂସ୍ଥାପାଇଁ ପ୍ରସ୍ତୁତ କରାଯାଇଥାଏ । ସେହିପରି ପୌରପାଳିକା ପାଇଁ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୬୫ ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୪ରୁ ୧୫ ମଧ୍ୟରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ପୌରପାଳିକାର ୱାର୍ଡମାନଙ୍କର ଭୋଟର ତାଲିକା ପ୍ରସ୍ତୁତି ହୋଇଥାଏ ।

୫୦) ୱାର୍ଡର ସୀମା ନିର୍ଦ୍ଧାରଣ କିଏ କରିଥାଆନ୍ତି ଏବଂ ଏହା କିପରି କରାଯାଇଥାଏ ?

ଉ: ଜିଲ୍ଲାର ଜିଲ୍ଲାପାଳ ପୌରସଂସ୍ଥାଗୁଡିକରେ ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ କରିଥାନ୍ତି । ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୧୨ ଅନୁଯାୟୀ ପ୍ରଥମେ ଜିଲ୍ଲାର ଜିଲ୍ଲାପାଳ ପୌରସଂସ୍ଥାକୁ ୱାର୍ଡ ଗୁଡିକରେ ବିଭକ୍ତ କରଣର ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରିଥାନ୍ତି ଯାହାର ସଂଖ୍ୟା ୧୧ରୁ କମ୍ ବା ୪୦ରୁ ଅଧିକ ହୋଇନଥିବ ଏବଂ ପ୍ରାୟତଃ ପ୍ରତ୍ୟେକ ୱାର୍ଡର ଜନସଂଖ୍ୟା ଆପାତତଃ ସମାନ ଥିବ । ଜନସାଧାରଣଙ୍କଠାରୁ ଆପତ୍ତି, ଅଭିଯୋଗ ଗ୍ରହଣ କରାଯାଇଥାଏ । ଜନସାଧାରଣଙ୍କ ଆପତ୍ତି, ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ୱାର୍ଡଗଠନର ଚୂଡାନ୍ତ ରୂପରେଖ ପ୍ରକାଶ କରିଥାଆନ୍ତି ।

ସେହିପରି ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୬୦ ଅନୁଯାୟୀ ରାଜ୍ୟ ସରକାର ପୌର ନିଗମର ୱାର୍ଡ ବିଭକ୍ତିକରଣ କରିଥାଆନ୍ତି । ଜନସଂଖ୍ୟା କେତେ ଥିଲେ କେତେ ୱାର୍ଡରେ ପୌର ନିଗମ ବିଭକ୍ତ ହୋଇପାରିବ ତାହା ନିମ୍ନରେ ପ୍ରଦତ୍ତ ହେଲା ।

| ଜନସଂଖ୍ୟା | ସର୍ବନିମ୍ନ | ଜନସଂଖ୍ୟା ବଢିଲେ ୱାର୍ଡ ସଂଖ୍ୟା | ସର୍ବୋଚ୍ଚ |
|---|---|---|---|
| ୩ ଲକ୍ଷରୁ ଅଧିକ ୬ ଲକ୍ଷରୁ କମ୍ | ୩୯ | ୩ ଲକ୍ଷ ଉପରେ ପ୍ରତି ୧୫୦୦୦ରେ ଗୋଟିଏ ବଢିବ | ୫୯ |
| ୬ ଲକ୍ଷରୁ ଅଧିକ ୧୨ ଲକ୍ଷରୁ କମ୍ | ୫୯ | ୬ ଲକ୍ଷ ଉପରେ ପ୍ରତି | ୭୯ |

| | | | |
|---|---|---|---|
| | | ୩୦୦୦୦ରେ ଗୋଟିଏ ବଢିବ | |
| ୧୨ ଲକ୍ଷରୁ ଅଧିକ ୨୪ ଲକ୍ଷରୁ କମ୍ | ୭୯ | ୧୨ ଲକ୍ଷ ଉପରେ ପ୍ରତି ୪୦୦୦୦ରେ ଗୋଟିଏ ବଢିବ | ୧୦୯ |
| ୨୪ ଲକ୍ଷରୁ ଅଧିକ | ୧୦୯ | ୨୪ ଲକ୍ଷ ଉପରେ ପ୍ରତି ୬୦୦୦୦ରେ ଗୋଟିଏ ବଢିବ | ୧୫୦ |

ପ୍ରଥମେ ୱାର୍ଡ ବିଭକ୍ତିକରଣର ଏକ ଚିଠା ବିଜ୍ଞପ୍ତି ପ୍ରକାଶ ପାଇ ଏହାର ୧୦ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଜନସାଧାରଣଂକଠାରୁ ଆହ୍ୱାନ କରାଯାଏ । ଏହି ଆପତ୍ତି ଅଭିଯୋଗ ଶୁଣାଣି କରି ସରକାର ଚୁଡାନ୍ତ  ୱାର୍ଡ ତାଲିକା ପ୍ରକାଶ କରନ୍ତି । ଏହା ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୩(୫) ଅନୁଯାୟୀ ସମାହିତ ହୋଇଥାଏ ।

୫୧) କିଏ ୱାର୍ଡମାନଂକରେ ଆସନ ସଂରକ୍ଷଣ କରିଥାଆନ୍ତି ଏବଂ ଏହି କିପରି କରାଯାଇଥାଏ ?

ଉ: ଜିଲ୍ଲାପାଳ ପୌର ସଂସ୍ଥାରେ ୱାର୍ଡଗୁଡିକର ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୧୧ ସହିତଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ ନିୟମ 2-A ଏବଂ  3 ଅନୁଯାୟୀ ଏହି ଆସନ ସଂରକ୍ଷଣ କରିଥାଆନ୍ତି । ପୌରନିଗମରେ ସେହିପରି ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୭ ସହିତଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୩ ଅନୁଯାୟୀ ଓଡିଶା ସରକାର ଏହି ଆସନ ସଂରକ୍ଷଣ କରିଥାଆନ୍ତି ।

୫୨) କିଏ  ମେୟର/ଉପମେୟର, ଅଧକ୍ଷ ଏବଂ ଉପାଧକ୍ଷ ପଦବୀ ଅନୁସୁଚିତ ଜାତି, ଅନୁସୁଚିତ ଉପଜାତି, ପଛୁଆବର୍ଗ ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ କରିଥାଆନ୍ତି?

ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୧୪'(୪) ଏବଂ ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୪୭(୪) ଅନୁଯାୟୀ ରାଜ୍ୟ ସରକାର ମେୟର/ଉପମେୟର, ଅଧକ୍ଷ ଏବଂ ଉପାଧକ୍ଷ ପଦବୀ ଅନୁସୁଚିତ ଜାତି, ଅନୁସୁଚିତ ଜନଜାତି, ପଛୁଆବର୍ଗ ଏବଂ ମହିଳାଂକ ପାଇଁ ସଂରକ୍ଷଣ କରିଥାନ୍ତି ।

୫୩) କିଏ ପୌର ନିର୍ବାଚନରେ ଭୋଟ ଦେବାକୁ ଯୋଗ୍ୟ?

ଉ: ଅଠର ବର୍ଷ ବୟସରୁ ଉର୍ଦ୍ଧ୍ୱ ଯେଉଁ ବ୍ୟକ୍ତିବିଶେଷଙ୍କ ନାମ ଯଦି ଯେ କୌଣସି ୱାର୍ଡର ଭୋଟର ତାଲିକାରେ ସ୍ଥାନ ପାଇଥାଏ ସେମାନେ ହି କେବଳ ସେହି ୱାର୍ଡର ପୌର ନିର୍ବାଚନରେ ଭୋଟ ଦେଇପାରିବେ ।

୬୪) ପୌର ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ଯୋଗ୍ୟତା କ'ଣ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ 25(1) ଅନୁଯାୟୀ ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ 67(1) ଅନୁଯାୟୀ ଯେ କୌଣସି ବ୍ୟକ୍ତି ଯିଏକି ୨୧ ବର୍ଷ ବା ତଦୁର୍ଦ୍ଧ ଏବଂ ଯାହାର ପୌର ପରିଷଦ ନିଗମର ଯେ କୌଣସି ୱାର୍ଡର ଭୋଟର ତାଲିକାରେ ନାମ ଥିବା ଆବଶ୍ୟକ ।

୬୫) କେଉଁ କ୍ଷେତ୍ରରେ ପ୍ରାର୍ଥୀ ପୌର ନିର୍ବାଚନ ଲଢିବାପାଇଁ ଅଯୋଗ୍ୟ ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ ୧୬ ଅନୁଯାୟୀ ଜଣେ ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟ ନୁହଁନ୍ତି ଯେତେବେଳେ ।

୧) ସେ ୨୧ ବର୍ଷରୁ କମ୍ ହୋଇ ଥାଆନ୍ତି ।

୨) ଯଦି କୌଣସି ୱାର୍ଡର ଭୋଟର ତାଲିକାରେ ସ୍ଥାନ ପାଇନାହାନ୍ତି ।

୩) ଯଦି ଇଂରାଜୀ, ହିନ୍ଦି ବା ରାଜ୍ୟର ଭାଷା ଲେଖିବା ବା ପଢା ଜାଣି ନାହିଁନ୍ତି ।

୪) ଯଦି ସେ କୌଣସି ନ୍ୟାୟପାଳିକାଦ୍ୱାରା ମାନସିକ ବିକାରଗ୍ରସ୍ତ ବୋଲି ବିବେଚିତ କରିଥାଆନ୍ତି ।

୫) ଜିଲ୍ଲା କୁଷ୍ଠ ନିବାରଣ ଅଧିକାରୀଂକ ଦ୍ୱାରା ସଂକ୍ରମିତ କୁଷ୍ଠରୋଗରେ ପୀଡିତ ବୋଲି ଘୋଷିତ ହୋଇଥାଆନ୍ତି ।

୬) ଯଦି ସେ କୌଣସି ନ୍ୟାୟପାଳିକା ଦ୍ୱାରା ଦେବାଳିଆ ଘୋଷିତ ହୋଇଥାଆନ୍ତି ।

୭) ପୌର ପରିଷଦର ବକେୟା ଦେୟଣା ପରିଶୋଧ କରି ନ ଥାଆନ୍ତି ।

୮) ଇଚ୍ଛାକୃତ ଅବହେଳା କିମ୍ବା ଅସଦାଚରଣ ଯୋଗୁଁ ସ୍ଥାନୀୟ ନିଧି ସମୀକ୍ଷା ଆଇନ ୧୯୪୮ର ଧାରା ୩୭୫ ଅନୁସାରେ ପାଉଣା ଦେଇନଥାନ୍ତି ।

୯) ଯଦି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପୌର ଠିକା କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବେ ।

୧୦) ଯଦି ପୌର ସଂସ୍ଥା ଦ୍ୱାରା ଓକିଲ ଭାବେ ନିଯୁକ୍ତି ପାଇଥିବେ ।

୧୧) ଯଦି ପୌରସଂସ୍ଥା କୌଣସି କର୍ମଚାରୀ ହୋଇଥିବେ ବା ଅବୈତନିକ ମାଜିଷ୍ଟ୍ରେଟ ହିସାବରେ ସେହି ପୌରାଞ୍ଚଳ ତାଙ୍କ ଅଧିନରେ ଥିବ ।

୧୨) ଯଦି ସେ ସ୍ଥାୟୀ ବା ଅସ୍ଥାୟୀ ସରକାରୀ କର୍ମଚାରୀ ହୋଇଥିବେ କିମ୍ବା ଦୁର୍ନୀତି ବା ବିଶ୍ୱସ୍ତତା ହରାଇଥିବା ଯୋଗୁଁ ସରକାରୀ ଚାକିରୀରୁ ବହିଷ୍କୃତ ହୋଇଥିବେ ।

୧୩) ଯଦି କୌଣସି ଅଦାଲତ ଦ୍ୱାରା ଦଣ୍ଡିତ ହୋଇ ୬ ମାସରୁ ଉର୍ଦ୍ଧ୍ୱ କାରାବରଣ କରିଥିବେ କିମ୍ବା କ୍ଷମା ପାଇଥିଲେ ୩ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟତା ବଳବତ୍ତର ରହିବ ।

୧୪) ଯଦି ସେ ନିର୍ବାଚନ ସମ୍ବନ୍ଧୀୟ କୌଣସି ଦୁର୍ନୀତି କିମ୍ବା ବେଆଇନ ପନ୍ଥା ଅବଲମ୍ବନ କରିଥିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଦଣ୍ଡିତ ହୋଇଥାଆନ୍ତି ।

୧୫) ଯଦି ଅନ୍ୟ କୌଣସି ନିୟମ ଦ୍ୱାରା ନିର୍ବାଚନ ଲଢିବାକୁ ଅଯୋଗ୍ୟ ହୋଇଛନ୍ତି ।

୧୬) ଯଦି ତାଙ୍କର ଏକାଧିକ ପତି କିମ୍ବା ପତ୍ନୀ ଅଛନ୍ତି ।

୧୭) ଯଦି ତାଙ୍କର ଦୁଇଟିରୁ ଅଧିକ ସନ୍ତାନ ଅଛନ୍ତି ।

୧୮) ଯଦି ନିର୍ବାଚନ ପୂର୍ବରୁ ଅଧକ୍ଷ କିମ୍ବା ଉପାଧକ୍ଷ ପଦବୀରୁ ପୌର ଆଇନ ୫୩ ଧାରା ଅନୁସାରେ ପଦଚ୍ୟୁତ ହୋଇଥିବେ ।

୫୬) କେଉଁ ତାରିଖରୁ ଭୋଟରଙ୍କୁ (୧୮ ବର୍ଷ) ବୟସ ସ୍ଥିର ହେବ ?

ଉ: ଲୋକ ପ୍ରତିନିଧି ନିୟମ ୧୯୫୦ର 14(b) ଅନୁଯାୟୀ କୌଣସି ନାଗରିକ ବୟସ ନିରୂପଣର ଧାର୍ଯ୍ୟ ତାରିଖ ଜାନୁୟାରୀ ୧ ତାରିଖ ଯେଉଁଦିନସୁଦ୍ଧା ଭୋଟର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଥାଏ ପୌର ବା ପୌର ନିଗମ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ଯେ କୌଣସି ଦିନ ଧାର୍ଯ୍ୟ କରିପାରନ୍ତି ।

୫୭) କେଉଁ ତାରିଖ ସୁଦ୍ଧା ନିର୍ବାଚନ ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ବୟସ ୨୧ ବର୍ଷ ହୋଇଥିବା ଦରକାର ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ 25(b) ଏବଂ ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୨୪ ଅନୁଯାୟୀ ପ୍ରାଥମିକ ଭୋଟର ତାଲିକା ଯେଉଁଦିନ ପ୍ରକାଶ ପାଇବ ସେହି ଦିନ ସୁଦ୍ଧା ପ୍ରାର୍ଥୀ ହେବାପାଇଁ ବୟସ ୨୧ ବର୍ଷ ହୋଇଥିବା ଆବଶ୍ୟକ ।

୫୮) ନିର୍ବାଚନରେ ଲଢୁଥିବା ପ୍ରାର୍ଥୀର ଅମାନତ ରାଶି କେତେ ? ଅଧିସୁଚିତ ଜାତି ଓ ଅଧିସୁଚିତ ଉପଜାତି ପ୍ରାର୍ଥୀଂକ ପାଇଁ କିଛି ରିହାତି ଅଛି କି ?

ଉ: ଓଡିଶା ମ୍ୟୁନିସିପାଲ (ୱାର୍ଡଗୁଡିକର ସାନି ସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୧୯୯୪ର ନିୟମ ଅନୁଯାୟୀ ଅମାନତ ରାଶି ସାଧାରଣ ପ୍ରାର୍ଥୀଂକ ପାଇଁ ୧୦୦ ଟଂକା ଥିଲାବେଳେ ଅନୁସୁଚିତ ଜାତି/ଅନୁସୁଚିତ ଜନଜାତି ପ୍ରାର୍ଥୀଂକ ପାଇଁ ଏହା ୫୦ ଟଂକା ଅଟେ । ଓଡିଶା ମ୍ୟୁନିସିପାଲ ନିଗମ (ସହରାଞ୍ଚଳ ୱାର୍ଡ ବିଭକ୍ତିକରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, ୨୦୦୩ର ନିୟମ ୨୨ ଅନୁଯାୟୀ ପ୍ରାର୍ଥୀଂକ ପାଇଁ ଅମାନତ ରାଶି ୨୫୦ ଟଂକା, ଅନୁସୁଚିତ ଜାତି/ଅନୁସୁଚିତ ଜନଜାତି ପ୍ରାର୍ଥୀଂକ ପାଇଁ କୌଣସି ରିହାତି ନାହିଁ ।

୫୯) ନିର୍ବାଚନ ପାଇଁ ପ୍ରାର୍ଥୀମାନଂକ ଖର୍ଚ୍ଚ ସୀମା ଉପରେ କଟକଣା ଅଛି କି ? ଏବଂ କେତେ ?

ଉ: ପ୍ରାର୍ଥୀମାନଂକର ଖର୍ଚ୍ଚସୀମା ଉପରେ ରାଜ୍ୟ ନିର୍ବାଚନ ଆୟୁକ୍ତ ନିମ୍ନମତେ କଟକଣା ରଖିଛନ୍ତି:

କ) ଅଧିସୁଚିତ କ୍ଷେତ୍ର ପରିଷଦ ଏବଂ ପୌର ପରିଷଦ ଯାହାର ଲୋକସଂଖ୍ୟା ୫୦୦୦୦ ଖର୍ଚ୍ଚ ସୀମା ୩୦୦୦୦ ଟଙ୍କା।

ଖ) ପୌର ପରିଷଦ ଯାହାର ଲୋକସଂଖ୍ୟା ୫୦୦୦୦ରୁ ୧୦୦୦୦୦ ମଧ୍ୟରେ ଖର୍ଚ୍ଚ ସୀମା ୪୦୦୦୦ ଟଙ୍କା।

ଗ) ପୌର ପରିଷଦ ଏବଂ ପୌର ନିଗମ ଯାହାର ଲୋକସଂଖ୍ୟା ୧୦୦୦୦୦ ରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସୀମା ୫୦୦୦୦ ଟଙ୍କା।

୬୦) ପୌର ନିର୍ବାଚନରେ ମତଦାନ କେନ୍ଦ୍ର କିପରି ନିରୁପଣ କରାଯାଏ ଏବଂ ଏହା କେଉଁଠି ସ୍ଥାପିତ ହୋଇଥାଏ ?

ଉ: ଓଡିଶା ପୋର ନିଗମ ୨୦୦୩ର ୩୫ ଧାରା ଅନୁଯାୟୀ ଏବଂ ଓଡିଶା ପୋର ନିୟମ ୧୯୯୪ର ୩୨ ଧାରା ଅନୁଯାୟୀ ରାଜ୍ୟ ନିର୍ବାଚନ ଆୟୁକ୍ତଂକ ଅନୁମୋଦନ କ୍ରମେ ପ୍ରତ୍ୟେକ ୱାର୍ଡ ପାଇଁ ଯଥେଷ୍ଟ ସଂଖ୍ୟାକ ମତଦାନ କେନ୍ଦ୍ର ସ୍ଥାପନ କରିବା ଦାୟିତ୍ୱ ନିର୍ବାଚନ ଅଧିକାରୀଂକର । ଅତ୍ୟନ୍ତ ଅସୁବିଧା ନ ହେଲେ କୌଣସି ପରିସ୍ଥିତିରେ ଗୋଟିଏ ୱାର୍ଡର ମତଦାନ କେନ୍ଦ୍ର ଅନ୍ୟ ୱାର୍ଡର ପରିସୀମା ମଧ୍ୟରେ ପ୍ରତିଷ୍ଠା ହୋଇପାରିବ ନାହିଁ । କେବଳ ଅସ୍ୱାଭାବିକ ପରିସ୍ଥିତିରେ ରାଜ୍ୟ ନିର୍ବାଚନ ଆୟୁକ୍ତଂକ ଅନୁମତି ପରେ ଗୋଟିଏ ୱାର୍ଡର ମତଦାନ କେନ୍ଦ୍ର ଅନ୍ୟ ୱାର୍ଡରେ ହୋଇପାରିବ ।

୬୧) ମ୍ୟୁନିସିପାଲିଟି ଗଠନର ପ୍ରକ୍ରିୟା କ'ଣ ? କେଉଁ ତାରିଖରୁ ମ୍ୟୁନିସିପାଲିଟି ଗଠିତ ହେଲା ବୋଲି ଧରାଯିବ ? ଏହାର ଅବଧି କେତେ ବର୍ଷ ?

ଉ: ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୮ ଓ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୭ ଅନୁଯାୟୀ ନିର୍ବାଚିତ କାଉନସିଲର/କର୍ପୋରେଟର ଏବଂ ସେହି ପୌର ପରିଷଦ/ପୌର ନିଗମ ଅନ୍ତର୍ଗତ ରାଜ୍ୟ ବିଧାନସଭା ତଥା ଲୋକସଭା ସଦସ୍ୟ ଏବଂ ସେହି ପୌରାଞ୍ଚଳରେ ଭୋଟର ତାଲିକାରେ ନାମ ଥିବା ରାଜ୍ୟସଭାର ସଦସ୍ୟମାନଂକୁ ନେଇ ମ୍ୟୁନିସିପାଲିଟି ଗଠିତ । ଓଡିଶା ମ୍ୟୁନିସିପାଲ ଅଧିନିୟମ ୧୯୫୦ର ଧାରା ୧୨ ଓ ଓଡିଶା ମ୍ୟୁନିସିପାଲ ନିଗମ ଅଧିନିୟମ ୨୦୦୩ର ଧାରା ୮ ଅନୁସାରେ ପ୍ରଥମ କରି ବସୁଥିବା ବୈଠକ ଦିନଠାରୁ ମ୍ୟୁନିସିପାଲ ଗଠିତ ହେଲା ବୋଲି ଧରି ନିଆଯିବ ଏବଂ ଏହାର ଅବଧି ସେହିଠାରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ରହିବ, ଯଦି ଭାଂଗି ନ ଦିଆଯାଏ । ।

୨୨) ସହରାଞ୍ଚଳ ସ୍ୱାୟତଶାସନ ସଂସ୍ଥାଗୁଡିକରେ ନିର୍ବାଚନ ରାଜନୈତିକ ଦଳୀୟ ଭିତ୍ତିରେ ହୋଇଥାଏ କି ?

ଉ: ହଁ । ଏଗୁଡିକରେ ରାଜନୈତିକ ଦଳୀୟ ଭିତ୍ତିରେ ପ୍ରାର୍ଥୀମାନେ ନିର୍ବାଚନ ଲଢିଥାଆନ୍ତି ।

୨୩) ଅବାଧ, ନିରପେକ୍ଷ ନିର୍ବାଚନ ପରିଚ୍ଚାଳନା ପାଇଁ ରାଜନୈତିକ ଦଳପାଇଁ କିଛି ଆଚରଣ ସଂହିତା ଅଛି କି ? ଯଦି ଅଛି ତେବେ ଏହା କେବେଠାରୁ କାର୍ଯ୍ୟକାରୀ ହୁଏ ଏବଂ କେଉଁ ପର୍ଯ୍ୟନ୍ତ ବଳବତ୍ତର ଥାଏ ?

ଉ: ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଏକ ଆଚରଣ ସଂହିତା ପ୍ରସ୍ତୁତ କରିଛନ୍ତି ଏବଂ ରାଜନୈତିକ ଦଳ ତଥା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏହାକୁ ମାନିବାକୁ ବାଧ୍ୟ ଅଟଂନ୍ତି । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ହେବାଦିନଠାରୁ ଏହି ଆଚରଣ ସଂହିତା କାର୍ଯ୍ୟକାରୀ ହୁଏ ଏବଂ ଭୋଟଗଣନା ସରିବା ପର୍ଯ୍ୟନ୍ତ ବଳପତ୍ତର ରହେ ।

୨୪) ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତିରାଜ ଅନୁଷ୍ଠାନରେ ନିର୍ବାଚନ ଲଢିବା ପାଇଁ ରାଜନୈତିକ ଦଳଗୁଡିକର ପଂଞ୍ଜିକରଣ କରନ୍ତି କି ?

ଉ: ପଞ୍ଚାୟତି ରାଜ ଅନୁଷ୍ଠାନ ମଧ୍ୟରୁ କେବଳ ଜିଲ୍ଲା ପରିଷଦ ପାଇଁ ଏବଂ ପୌର ସ୍ୱାୟତ୍ତଶାସନ ସଂସ୍ଥା ପାଇଁ ନିର୍ବାଚନ ଦଳୀୟ ଭିତ୍ତିରେ ହୋଇଥାଏ । ମାତ୍ର ରାଜନୈତିକର ପଞ୍ଜିକରଣ ପାଇଁ କୌଣସି ନିୟମ ଓଡିଶା ମ୍ୟୁନିସିପାଲ ଆଇନ ୧୯୫୦, ଓଡିଶା ମ୍ୟୁନିସିପାଲ ନିଗମ ଆଇନ ୨୦୦୩ ଏବଂ ଓଡିଶା ଜିଲ୍ଲା ପରିଷଦ ଆଇନ ୧୯୯୧ରେ କୌଣସି ବ୍ୟବସ୍ଥା ନାହିଁ ।

୨୫) ନିର୍ବାଚନ ପରେ ପ୍ରାର୍ଥୀଙ୍କ ଯୋଗ୍ୟତା, ଫଳାଫଳ ବା ଅନ୍ୟ କିଛି କାରଣ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଆବେଦନ କରି ହେବ କି ?

ଉ: ଆଇନରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପାଖରେ ନିର୍ବାଚନକୁ ନେଇ କିଛି ଆବେଦନ କରିବାର ବ୍ୟବସ୍ଥା ନାହିଁ । ଏହା ଉପଯୁକ୍ତ ନ୍ୟାୟାଳୟରେ ଆବେଦନ କରାଯାଇପାରିବ ।